OUAT Publication
No.2026030798



## କୃଷିଜୀବୀ ମହିଳା ଦିବସ ପାଳନ



କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କୃଷିବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ବିଶ୍ରା ବ୍ଲକ୍‌ର ପୁରୁଣା ବିଶ୍ରା ଗ୍ରାମରେ ଡିସେମ୍ବର ୪ ତାରିଖ ଦିନ କୃଷିଜୀବୀ ମହିଳା ଦିବସ ଆୟୋଜନ କରାଯାଇଥିଲା। କେନ୍ଦ୍ରର ବୈଜ୍ଞାନିକମାନେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକା ବିଷୟରେ ଅବଗତ କରିଥିଲେ। ବିହନ ବୁଣାଠାରୁ ଆରମ୍ଭ କରି ଫସଲ ଅମଳ ଏବଂ ବିକ୍ରି କରିବା ପର୍ଯ୍ୟନ୍ତ ମହିଳାମାନେ କିପରି ନିଜକୁ ଚାଷୀ କ୍ଷେତ୍ରରେ ନିୟୋଜିତ କରିଥାନ୍ତି ସେ ବିଷୟରେ ମଧ୍ୟ ସେମାନଙ୍କୁ ବୈଜ୍ଞାନିକମାନେ କହିଥିଲେ। ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିପରି ସୁସଂଗଠିତ ହୋଇ ବିଭିନ୍ନ ସରକାରୀ ଯୋଜନାକୁ ଆଧାର କରି କିପରି ଏହାର ଲାଭ ନେଇପାରିବେ ସେ ବାବଦରେ କେନ୍ଦ୍ରର ବୈଜ୍ଞାନିକମାନେ ଉପଦେଶ ଦେଇଥିଲେ। ଆଗାମୀ ଦିନରେ ଆମ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଅଧିକ ଲାଭବାନ ହେବାକୁ ମହିଳାମାନେ ଇଚ୍ଛା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କମଳ କୃଷକ ଉତ୍ପାଦକ ସଂଘ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ଉତ୍ପାଦକ ସଂଘ ମାଧ୍ୟମରେ ନିଜର କୃଷିଜାତ ଦ୍ରବ୍ୟକୁ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସମ୍ମିଳିତ ହୋଇ ଗୋଟିଏ ଜାଗାରେ ପନିପରିବା ଚାରା ପକାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଆଗାମୀ ଦିନରେ ଏହି ମହିଳାମାନେ ପନିପରିବା ଚାଷ କରି ଅଧିକ ଲାଭବାନ ହେବେ ବୋଲି ଆଶପୋଷଣ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ



ବିଶ୍ରା ବ୍ଲକ ଅନ୍ତର୍ଗତ ବାଙ୍ଗୁରକେଲା ଗ୍ରାମଠାରେ ଅକ୍ଟୋବର ୧୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ ଅବସରରେ ସୁନ୍ଦରଗଡ଼ର ଲୋକସଭା ସାଂସଦ ଓ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ଜୁଏଲ ଓରାମ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ତାଙ୍କ ବକ୍ତବ୍ୟରେ ସେ ଏହି ଯୋଜନାର ଚାରିସୂତ୍ରୀ କାର୍ଯ୍ୟକ୍ରମ ଯଥା- ଫସଲ ବିବିଧିକରଣ, ଜଳସେଚନ, କୃଷିଋଣ ଓ ଅମଳ ପରିବର୍ତ୍ତୀ ଯତ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ସୁନ୍ଦରଗଡ଼ର ମାଟି ଓ ଜଳବାୟୁକୁ ବିଚାରକୁ ନେଇ ଫସଲ ଚୟନ ଉପରେ ଧ୍ୟାନ ଦେବାକୁ କହିଥିଲେ।



ମଞ୍ଚରେ ସମ୍ମାନୀତ ଅତିଥି ଭାବେ ପାନପୋଷ ଉପ-ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ନାୟକ, ବିଶ୍ରା ତହସିଲଦାର ଶ୍ରୀ ପ୍ରେମାନନ୍ଦ ଉରମା, ଗୋଷ୍ଠୀ ଅନ୍ନୟନ ଅଧିକାରୀ ଶ୍ରୀ ଜଗନ୍ନାଥ ହନୁମାନ, ବ୍ଲକ୍ ଅଧକ୍ଷା ଶ୍ରୀମତୀ ଫୁଲମଣି କେରକେଟା, ଉଡସୁ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଦୁଲାରୀ ଖାଖା, ପାନପୋଷ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଜି. ଜୟନ, ପାନପୋଷ ଉନ୍ନୟନ କୃଷି ଉପନିର୍ଦ୍ଦେଶକ ଶ୍ରୀ ଦୁଷ୍ମନ୍ତ ବେହେରା, ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ କୁମାର ମହାରଣା, ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ରା ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ପ୍ରାୟ ତିନିଶହରୁ ଅଧିକ କୃଷକ, କୃଷିଜୀବୀ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, କମଳ କୃଷକ ଉତ୍ପାଦନ ସଂଗଠନର ମୁଖ୍ୟ ଶ୍ରୀ ଧ୍ରୁବଚରଣ ମହତୋ ଓ କୃଷକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ସଭାଟିକୁ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ଆୟୋଜିତ କରାଯାଇଥିଲା।


## ଆମ ପରିବାର

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଡ. ଜୟନ୍ତ କୁମାର ପତି
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସଂପାଦନା ମଣ୍ଡଳୀ**
ଶ୍ରୀ ସଂଜୟ କୁମାର ପ୍ରଧାନ
ବୈଜ୍ଞାନିକ, ଉଦ୍ୟାନ କୃଷି
ଶ୍ରୀ ସମରେନ୍ଦ୍ର ବରାଳ
ବୈଜ୍ଞାନିକ, ଫସଲ ସଂରକ୍ଷଣ

**ସହାୟତା:**
ସୋମଦତ୍ତ ମହାନ୍ତି
କମ୍ପ୍ୟୁଟର ସହାୟକ
ଶ୍ରୀମତୀ ଅନୁଭା କୁଜୁର
କାର୍ଯ୍ୟକ୍ରମ ସହାୟକ


**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୯୧୦୨୩୪
E-mail: kvk.sundargarh2@ouat.ac.in
Website: www.kvksundargarh2.org

This News letter is Printed, Published & Owned by Sr. Scientist and Head, KVK, Sundargarh-II, Rourkela, Dist: Sundargarh, Pin: 769004, Phone: 0661-2910234, www.kvksundargarh2.org, e-mail:kvk.sundargarh2@ouat.ac.in, Printed at: Ankita Graphics, BBSR, Cell:9437077337
**Chief Editor:** Dr. Jayanta Kumar Pati







# ଇସ୍ପାତ କୃଷି ବାର୍ତ୍ତା

# The Ispat Krushi Barta



କୃଷି ବିଜ୍ଞାନ କେନ୍ଦ୍ର
ସୁନ୍ଦରଗଡ଼-୨

ଷାଣ୍ମାସିକ ସମାଚାର ପତ୍ରିକା
Half-yearly Newsletter

Krishi Vigyan Kendra
Sundargarh-II

ଚତୁର୍ଦ୍ଦଶ ବର୍ଷ | ଅକ୍ଟୋବର ୨୦୨୫- ମାର୍ଚ୍ଚ ୨୦୨୬ | ଦ୍ୱିତୀୟ ସଂଖ୍ୟା

## ବିଶ୍ୱ ମୃତ୍ତିକା ଦିବସ ପାଳନ



କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨, ରାଉରକେଲା ତରଫରୁ ଚଳିତ ଡିସେମ୍ବର ମାସ ୫ ତାରିଖ ଆନ୍ତର୍ଜାତୀୟ ମୃତ୍ତିକା ଦିବସ ଅବସରରେ ବିଶ୍ରା ବ୍ଲକ୍‌ର ଧଧାରୀ ଗ୍ରାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉପସ୍ଥିତ ରହି ମାଟିର ସ୍ୱାସ୍ଥ୍ୟରେ କିପରି ସୁଧାର ଅଣାଯାଇ ପାରିବ, ସେ ବାବଦରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପୂର୍ବରୁ ସଂଗୃହୀତ ମୃତ୍ତିକା ନମୂନାକୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ସୂଚନା ଲିପିବଦ୍ଧ ହୋଇଥିବା ମୃତ୍ତିକା କାର୍ଡ ପ୍ରାୟ ୨୫ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ତିକା ପରୀକ୍ଷାର ଆବଶ୍ୟକତା ଏବଂ ଏହା କରିବା ଦ୍ୱାରା ଆଗାମୀ ଦିନରେ ସେମାନେ ଜମିରେ କେଉଁ ଫସଲ କରିବେ ଏବଂ ସେଥିରେ କେତେ ପରିମାଣର ସାର ପ୍ରୟୋଗ କରିବେ ସେ ବିଷୟରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ ଚାଷୀ ଉପସ୍ଥିତ ରହି ସେମାନଙ୍କ ସମସ୍ୟା ବିଷୟରେ ବୈଜ୍ଞାନିକମାନଙ୍କୁ ଜଣାଇଥିଲେ ଏବଂ ଆଗାମୀ ଦିନରେ ନିଜ ଜମିର ମାଟି ପରୀକ୍ଷା କରି ଚାଷବାସ କରିବା ପାଇଁ ମନସ୍ଥ କରିଛନ୍ତି।

## ବରିଷ୍ଠ ବୈଜ୍ଞାନିକଙ୍କ କଲମରୁ



ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା

ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବର୍ଷର ବିଭିନ୍ନ ସମୟରେ ସ୍ଥାନୀୟ ଯୁବଗୋଷ୍ଠୀ, କୃଷିଜୀବି ମହିଳା, ସରକାରୀ ଏବଂ ବେସରକାରୀ କ୍ଷେତ୍ର କର୍ମଚାରୀମାନଙ୍କୁ ନେଇ କୃଷିପାଇଁ ଆବଶ୍ୟକ ତାଲିମ୍ ଆୟୋଜନ କରାଯିବା ସହିତ ପୂର୍ବ ପ୍ରତିଷ୍ଠିତ ଜ୍ଞାନ କୌଶଳଗୁଡ଼ିକର ସଫଳ ପରୀକ୍ଷଣ ଏବଂ କ୍ଷେତ୍ର ପ୍ରଦର୍ଶନ ମଧ୍ୟ କରାଯାଉଛି।

ମୋବାଇଲ ସନ୍ଦେଶ ଏବଂ ଦୂରଶିକ୍ଷା କାର୍ଯ୍ୟକ୍ରମ ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାର, କୃଷି ବୈଜ୍ଞାନିକମାନଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଫଳରେ ଧାନ ଫସଲରେ ଉନ୍ନତ କିସମର ପରୀକ୍ଷଣ, ରୋଗପୋକର ସମନ୍ୱିତ ନିୟନ୍ତ୍ରଣ, ପନିପରିବା ଫସଲରେ ସମନ୍ୱିତ କୀଟ ପରିଚାଳନା, ପନିପରିବା ଫସଲରେ ଶଙ୍କର କିସମର ବ୍ୟବହାର, ଅଣୁସାର ପ୍ରୟୋଗ, ଡାଲି ଜାତୀୟ ଫସଲରେ ସମନ୍ୱିତ ରୋଗ ପୋକ ପରିଚାଳନା, ବାଡ଼ି ଅଗଣାରେ ଉନ୍ନତ କିସମର କୁକୁଡ଼ା ପାଳନ, ଆଜୋଲା ଚାଷ, ସ୍ୱଳ୍ପ ମୂଲ୍ୟରେ ଜିଆଖତ ପ୍ରସ୍ତୁତି ପ୍ରଣାଳୀ, କୃଷି ଯାନ୍ତ୍ରିକକରଣ ଇତ୍ୟାଦି ଜ୍ଞାନକୌଶଳର ପ୍ରସାରରେ କୃଷି ବିଜ୍ଞାନ କେନ୍ଦ୍ରର ଯୋଗଦାନ ଅତୁଳନୀୟ। ଏତଦ୍‌ବ୍ୟତୀତ ଚାଷୀମାନଙ୍କୁ ବିନା ମୂଲ୍ୟରେ ସଠିକ୍ ସମୟରେ ପନିପରିବା ଫସଲର ଉନ୍ନତ ପ୍ରାମାଣିକ ବିହନ, ପନିପରିବା ଚାରା, ଛତୁ ମଞ୍ଜି, କୁକୁଡ଼ା ଚିଆଁ ଯୋଗାଇଦେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ନିରନ୍ତର ଚେଷ୍ଟିତ। ପ୍ରଦର୍ଶନୀଦ୍ୱାରା ଚାଷୀମାନଙ୍କ ପାଖରେ ସମୟୋପଯୋଗୀ ନୂତନ ଜ୍ଞାନକୌଶଳକୁ ପହଞ୍ଚାଯାଉଛି। ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ବିହନ, ସାର ଓ କୀଟନାଶକ ଆଦି ଯୋଗାଇଦେଇ ଭିନ୍ନଭିନ୍ନ ଫସଲର କ୍ଷେତ୍ରପରୀକ୍ଷଣ କରାଯାଉଛି। କୃଷିରେ ନିୟୋଜିତ ଜିଲ୍ଲାର ପଢୁଆ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ସ୍ତରରେ ସମ୍ମାନିତ କରି ସମାଜରେ ତାଙ୍କର ମାନବୃଦ୍ଧି କିରିବା ସହ ସେମାନଙ୍କୁ ଉତ୍ସାହିତ କରିଆସୁଛି ଆମ କୃଷି ବିଜ୍ଞାନ କେନ୍ଦ୍ର। ବିଗତ ଛ'ମାସର କାର୍ଯ୍ୟାବଳୀରେ ପରିପୁଷ୍ଟ 'ଇସ୍ପାତ କୃଷି ବାର୍ତ୍ତା'ର ଏହି ସଂସ୍କରଣ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସଂପ୍ରସାରଣ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୃଷି ବିଶେଷଜ୍ଞ, କୃଷିଜୀବୀ ମହିଳା, ପୁରୁଷ, କୃଷି ଅଧିକାରୀ ଏବଂ ଅନୁସନ୍ଧିତ୍ସୁଙ୍କ ଜ୍ଞାନର ବାର୍ତ୍ତାବହ ଭାବେ ଏକ ସଂଯୋଗ ପତ୍ରର କାର୍ଯ୍ୟ ନିଭାଇବ ବୋଲି ମୋର ବିଶ୍ୱାସ।

ଜୟନ୍ତ କୁମାର ପତି
(ଡ. ଜୟନ୍ତ କୁମାର ପତି)

## ଜନଜାତୀୟ ଗୌରବ ପକ୍ଷ ପାଳନ



ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ର ଭଗବାନ ବିର୍ସାମୁଣ୍ଡାଙ୍କ ଅବଦାନ ନିମନ୍ତେ ଏ ଦେଶ ତାଙ୍କ ନିକଟରେ ଚିର ଋଣୀ। ତାଙ୍କର ଜନ୍ମ ଦିବସକୁ ଜନଜାତୀୟ ଗୌରବ ଦିବସରୂପେ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଲହୁଣୀପଡ଼ା ବ୍ଲକ୍‌ର ସାଲେପାଲି ଗ୍ରାମ, ବିଶ୍ରା ବ୍ଲକ୍‌ର ପୁରୁଣା ବିଶ୍ରା ଗ୍ରାମ, ନୂଆଗାଁ ବ୍ଲକର ପତ୍ରାପାଲି ଗ୍ରାମ ଏବଂ ଲାଠିକଟା ବ୍ଲକ୍‌ର ବାଗବୁଡ଼ି ଗ୍ରାମରେ ଜନଜାତୀୟ ଗୌରବ ପକ୍ଷ ନଭେମ୍ବର ମାସ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଜନଜାତି ପୁରୁଷ ଓ ମହିଳା ଅଂଶ ଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଓ ଅନ୍ୟ ବୈଜ୍ଞାନିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମହାନ୍ ଆତ୍ମାଙ୍କର ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଏବଂ ତ୍ୟାଗ ବିଷୟରେ ଗ୍ରାମବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଚାଷୀମାନଙ୍କୁ ଶୀତଦିନିଆ ପନିପରିବାର ଉତ୍କୃଷ୍ଟ ବିହନମାନ ଯୋଗାଇ ଦିଆଯାଇଥିଲା।

## ରାଶି ଫସଲରେ ଆଗୁଆ ଧାଡ଼ି ପ୍ରଦର୍ଶନ




ସୁନ୍ଦରଗଡ଼ ଜିଲ୍ଲାରେ ତୈଳବୀଜ ଫସଲ ମଧ୍ୟରେ ରାଶି ଫସଲଟି ସର୍ବାଧିକ କ୍ଷେତ୍ରଫଳ ଅଞ୍ଚଳରେ ଚାଷ କରାଯାଇଥାଏ, କିନ୍ତୁ ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ଚାଷୀମାନେ ଆଶାନୁରୂପ ଲାଭ ପାଇପାରି ନଥାନ୍ତି। ଏହି ଅସୁବିଧାକୁ ଅନୁଧ୍ୟାନ କରି କୃଷିବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ କ୍ଲଷ୍ଟର ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଶି ଫସଲଟିକୁ ଗୁରୁଣ୍ଡିଆ ବ୍ଲକ୍‌ର ଖଣ୍ଡାପାଟ ଏବଂ ଭାଲୁଡୁଙ୍ଗୁରି ଗ୍ରାମରେ ହାତକୁ ନିଆଯାଇଥିଲା। ଏହି ଫସଲ ପ୍ରଦର୍ଶନରେ ଚାଷୀମାନଙ୍କୁ ୨୦ ହେକ୍ଟର ଜମିରେ ରାଶି ଚାଷ ପାଇଁ ଅଧିକ ଅମଳକ୍ଷମ କିସମ ସୁପ୍ରଭା ବିହନ ବିଶୋଧନ ପାଇଁ କାର୍ବେଣ୍ଡାଜିମ୍, ତୃଣନାଶକ ପେଣ୍ଡିମିଥାଲିନ ମିଶ୍ରିତ ଅଣୁସାର ଆଦି ପ୍ରାୟ ୫୦ଜଣ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ସେମାନଙ୍କୁ ରାଶି ଚାଷ ସମ୍ବନ୍ଧୀୟ ସମସ୍ତ ଜ୍ଞାନକୌଶଳ, ପ୍ରୟୋଗ ବିଧି ଇତ୍ୟାଦି ବାବଦରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଆଗୁଆ ଧାଡ଼ି ପ୍ରଦର୍ଶନରେ ପ୍ରଦାନ କରାଯାଇଥିବା ସମସ୍ତ ଜିନିଷକୁ ସୁବିନିଯୋଗ କରି ଚାଷୀମାନେ ହେକ୍ଟର ପ୍ରତି ପ୍ରାୟ ୭.୮୨ କ୍ୱିଣ୍ଟାଲ ରାଶି ଅମଳ ପାଇଥିଲେ, ଯାହାକି ସେମାନଙ୍କର ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ପ୍ରାୟ ୨୬% ଅଧିକ ଥିଲା। ଏହି ପ୍ରଦର୍ଶନକୁ ଅନୁଧ୍ୟାନ କରିବା ପାଇଁ ସର୍ବଭାରତୀୟ ସ୍ତରର କୃଷି ବୈଜ୍ଞାନିକ ଡକ୍ଟର ମାନସିଂହ ଉଭୟ ଗାଁରେ ପରିଦର୍ଶନ କରିଥିଲେ। କୃଷିବିଜ୍ଞାନ କେନ୍ଦ୍ର ତରଫରୁ ରାଶି ଫସଲ ଅମଳ ପୂର୍ବରୁ ଏକ କ୍ଷେତ୍ର ଦିବସ ଆୟୋଜନ କରାଯାଇଥିଲା, ଯେଉଁଥିରେ ଆଖପାଖ ଗ୍ରାମର ପ୍ରାୟ ୫୦ଜଣ ଚାଷୀ ଯୋଗ ଦେଇଥିଲେ। ରାଶି ଫସଲରେ ଏତାଦୃଶ ସଫଳତାକୁ ଦେଖି ସେମାନେ ଆଗାମୀ ବର୍ଷମାନଙ୍କରେ ଏହି ଜ୍ଞାନକୌଶଳକୁ ଉପଯୋଗ କରି ଅଧିକ ଅମଳ ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ଗେଣ୍ଡୁଫୁଲ ଫସଲରେ ସମନ୍ୱିତ ଖାଦ୍ୟସାର ପ୍ରୟୋଗର ଆଗୁଆ ଧାଡ଼ି ପ୍ରଦର୍ଶନ

ସୁନ୍ଦରଗଡ଼ ଜିଲ୍ଲାରେ ଗେଣ୍ଡ ଫୁଲର ଚାହିଦା ଏବଂ ଚାଷ କରି ଅଧିକ ଲାଭବାନ ହେବାର ଯଥେଷ୍ଟ ସୁଯୋଗ ରହିଅଛି। ଏହାକୁ ଲକ୍ଷ୍ୟ କରି ଗେଣ୍ଡୁଫୁଲ ଚାଷରେ ଅଧିକ ଉତ୍ପାଦନ ପାଇଁ ଏକ ସମନ୍ୱିତ ଖାଦ୍ୟସାର ପ୍ରୟୋଗର କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ କୁଆଁରମୁଣ୍ଡା ବ୍ଲକ୍‌ର ପୁଟ୍ରିଖମନ, ବିଶ୍ରା ବ୍ଲକ୍‌ର ସାରୁବାହାଲ ଏବଂ ନୂଆଗାଁ ବ୍ଲକ୍‌ର ଗୁଡୁଗୁଡା ଏବଂ ଗର୍ଦା ଗ୍ରାମରେ ୧୦ଜଣ ଚାଷୀଙ୍କୁ ନେଇ ଆରମ୍ଭ କରାଯାଇଥିଲା। ଏହି ଆଗୁଆ ଧାଡ଼ି ପ୍ରଦର୍ଶନରେ ସେମାନଙ୍କୁ ଯବକ୍ଷାରଜାନ, ଫସଫରସ୍, ପଟାସ, ଜୈବିକ ସାର ଆଜୋର୍ସ୍ପିରିଲିଅମ୍ ଫସ୍‌ଫୋବ୍ୟାକ୍ଟର, ଅଣୁସାର ଜିଙ୍କ ସଲଫେଟ ଏବଂ ଫେରସ୍ ସଲ୍‌ଫେଟ୍ ପ୍ରଦାନ କରାଯାଇଥିଲା। ଏହିସବୁ ସାରମାନଙ୍କୁ ପ୍ରୟୋଗ କରିବାର ବିଧି ଏବଂ ସମୟ ବାବଦରେ ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ କୁହାଯାଇଥିଲା। ଏହି ସମନ୍ୱିତ ସାରକୁ ପ୍ରୟୋଗ କରି ସେମାନେ ହେକ୍ଟର ପିଛା ପ୍ରାୟ ୨୪୪.୫ କ୍ୱିଣ୍ଟାଲ ଅମଳ ପାଇଥିଲେ ଯାହାକି ସେମାନଙ୍କ ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ୧୮% ଅଧିକ ଥିଲା। ଆଗାମୀ ଦିନରେ




ଚାଷୀମାନେ ରାସାୟନିକ ସାର ସହିତ ଜୈବିକ ଏବଂ ଅଣୁସାର ବ୍ୟବହାର କରି ଗେଣ୍ଡୁଫୁଲ ଫସଲରେ ଅଧିକ ଉତ୍ପାଦନ ନିମନ୍ତେ ଆଶା ପୋଷଣ କରିଛନ୍ତି।

## କୃଷକ ଉତ୍ପାଦକ ସଂଗଠନର ଅଭିଜ୍ଞତା ଭ୍ରମଣ



ଓୟୁଏଟିର ଏଫ୍‌ପିଓର ଉତ୍କର୍ଷକେନ୍ଦ୍ର ତରଫରୁ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼-୨ ମାଧ୍ୟମରେ, ଜିଲ୍ଲାର ୧୩ଟି କୃଷକ ଉତ୍ପାଦକ ସଂଗଠନର ୧୩ଜଣ କର୍ମକର୍ତ୍ତାଙ୍କୁ ନେଇ ୨ଜଣ ବୈଜ୍ଞାନିକ ସମରେନ୍ଦ୍ର ବରାଳ ଓ ସଂଜୟ କୁମାର ପ୍ରଧାନ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିସ୍ଥିତ କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆର୍‌ର ପୂର୍ବ ଭାରତୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର, ରାମକୃଷ୍ଣ ମିଶନର କୃଷି ବିଜ୍ଞାନ କେନ୍ଦ୍ର ଓ ବିଭିନ୍ନ ଏଫ୍‌ପିଓକୁ ଅଭିଜ୍ଞତା ଭ୍ରମଣ ପାଇଁ ୨୨-୨୩ ଡିସେମ୍ବର ୨୦୨୫ରେ ଯାଇଥିଲେ। ଏହି ଭ୍ରମଣ ଦ୍ୱାରା ଓଡ଼ିଶାରୁ ଯାଇଥିବା କର୍ମକର୍ତ୍ତାମାନଙ୍କର ଜ୍ଞାନ ଓ ଅଭିଜ୍ଞତା ବୃଦ୍ଧି ହୋଇଥିଲା ଓ ସେମାନେ ଆଗାମୀ ଦିନରେ ଉକ୍ତ ଅନୁଭୂତିକୁ ସଦୁପଯୋଗ କରି ନିଜ ନିଜର ଏଫ୍‌ପିଓର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଆଶାପୋଷଣ କରିଛନ୍ତି।









## ପିଏମ୍ କିଷାନ କାର୍ଯ୍ୟକ୍ରମର ସଫଳ ଆୟୋଜନ




କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲାର ପୋଷ୍ୟଗ୍ରାମ ଗୁଣ୍ଡିବାଲିଠାରେ ପିଏମ୍ କିଷାନ କାର୍ଯ୍ୟକ୍ରମ ୧୯ ନଭେମ୍ବର ୨୦୨୫ ତାରିଖରେ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କୃଷି ମନ୍ତ୍ରଣାଳୟ ତରଫରୁ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ବାର୍ଷିକ ୧୮୦୦୦ କୋଟି ଟଙ୍କାର ଏହା ୨୧ତମ କିସ୍ତି ଥିଲା। ପ୍ରଧାନମନ୍ତ୍ରୀ କୋଇମ୍ବାଟୁର୍ ସହରରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଯାହାର ସିଧାପ୍ରସାରଣ ବେଦବ୍ୟାସ କୃଷି ଯନ୍ତ୍ରପାତି ମେଳା ପଡ଼ିଆରେ ଆମ କେନ୍ଦ୍ର ଦ୍ୱାରା ବ୍ୟବସ୍ଥା ହୋଇଥିଲା। ପ୍ରାୟ ୩୦୦ଜଣ ଚାଷୀ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲୋକପ୍ରତିନିଧି ଭାବେ ମାନ୍ୟବର ବିଧାୟକ, ରଘୁନାଥ ପାଲି ଶ୍ରୀଯୁକ୍ତ ଦୁର୍ଗାଚରଣ ତନ୍ତୀ, ଜିଲ୍ଲାସ୍ତରୀୟ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗର ଅଧିକାରୀ, କୃଷି ଯାନ୍ତ୍ରିକ ବିଭାଗ, ଜଳବିଭାଜିକାର ଅଧିକାରୀବୃନ୍ଦ ଯୋଗଦେଇ ସରକାରଙ୍କ ଚାଷୀଙ୍କ ଉନ୍ନତି ନିମନ୍ତେ କି କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ଅବଗତ କରାଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡକ୍ଟର ଜୟନ୍ତ ପତି ଚାଷୀମାନଙ୍କୁ ନିଜ ଆୟ ଦ୍ୱିଗୁଣିତ କରିବା ପାଇଁ ଫସଲ ବିବିଧତା, ଛତୁଚାଷ, କୁକୁଡ଼ା ପାଳନ ଆଦିକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଯେଉଁ ଚାଷୀମାନେ ପିଏମ୍ କିଷାନ ପୋର୍ଟାଲରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ସେମାନଙ୍କୁ ନିକଟସ୍ଥ କୃଷି କାର୍ଯ୍ୟାଳୟ ଯାଇ ନିଜ ନାମକୁ ପଞ୍ଜୀକରଣ କରିବାକୁ କେନ୍ଦ୍ର ତରଫରୁ ପରାମର୍ଶ ଦିଆଯାଇଥିଲା।



## ଆଦିବାସୀ ଉପଯୋଜନା ଅନ୍ତର୍ଗତ ପାକଶାଳା ବଗିଚାର ପ୍ରଦର୍ଶନ



ଆଦିବାସୀ ପରିବାରଗୁଡ଼ିକରେ ଆର୍ଥିକ ଅନାଟନ ଓ ସଚେତନତା ଅଭାବରୁ ସୁଷମ ଖାଦ୍ୟର ଅଭାବ ଏକ ସାଧାରଣ ସମସ୍ୟା ରୂପେ ଦେଖାଦେଇଛି। ପନିପରିବାର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁଁ ଆଦିବାସୀ ପରିବାରର ମହିଳା ଓ ଶିଶୁମାନେ ଅନେକ ଖାଦ୍ୟସାର ଅଭାବ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ କୃଷିବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଗୁରୁଣ୍ଡିଆ ବ୍ଲକ୍‌ର ଖଣ୍ଡାପାଟ ଏବଂ ବିଶ୍ରା ବ୍ଲକ୍‌ର ଏର୍ଲା, ଧଧାରୀ, ସାରୁବାହାଲ, ଡଲାକୁଦର, ବରସୁଆଁ ଗ୍ରାମରେ ପାକଶାଳା ବଗିଚା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ଗ୍ରାମର ମହିଳାମାନଙ୍କୁ ନିଜନିଜ ବାଡ଼ିରେ ପାକଶାଳା ବଗିଚା କରିବା ପାଇଁ ସୁସ୍ଥ ମଞ୍ଜି ଓ ପନିପରିବା ଚାରା ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ ମହିଳା ୨୦୦ ମିଟର ଆୟତାକାର କ୍ଷେତ୍ରର ପଟାଳୀ କରି ଭେଣ୍ଡି, ଲାଉ, କଖାରୁ, ଶାଗ, ଝୁଡୁଙ୍ଗ, ଫୁଲକୋବି, ବନ୍ଧାକୋବି, ବିନ୍, ଟମାଟୋ, କଲରା, କାକୁଡ଼ି, ବାଇଗଣ ଏବଂ ଧନିଆପତ୍ର ଇତ୍ୟାଦି ରୋପଣ କରିଥିଲେ। ଚାଷ କରି ନିଜର ପରିବାରର ଆବଶ୍ୟକତା ପୂରଣ କରିବା ସହିତ ଅବଶିଷ୍ଟ ଉତ୍ପାଦକୁ ବିକ୍ରି କରି ବିଶେଷ ଲାଭାନ୍ୱିତ ହୋଇପାରିଥିଲେ।



## ଗୋ-ପାଳନ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର




କୃଷି ବିଜ୍ଞାନକେନ୍ଦ୍ର ରାଉରକେଲା ଏବଂ ବଣାଇ ଉପଖଣ୍ଡ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ତ୍ରିଦିବସୀୟ ଗୋ-ପାଳନ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର ୨୨-୨୪ ଡିସେମ୍ବର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଣାଇ ଉପଖଣ୍ଡର ୨୦ଜଣ ଗୋ-ପାଳନ ପ୍ରତି ଆକୃଷ୍ଟ ହୋଇ ସରକାରୀ ଯୋଜନାରେ ସାମିଲ ହେବା ପାଇଁ ଇଚ୍ଛୁକ ଥିବା ଚାଷୀଙ୍କୁ ଗୋପାଳନର ବିଭିନ୍ନ ଦିଗ ଯଥା ଗାଈ ଫାର୍ମ ପ୍ରତିଷ୍ଠା ପୂର୍ବ ପ୍ରସ୍ତୁତି, ଗୁହାଳର ଯତ୍ନ ଓ ପରିପାଳନ, ଖାଦ୍ୟ ପରିଚାଳନା, ଗୋ ପ୍ରଜନନ, ସ୍ୱାସ୍ଥ୍ୟର ଯତ୍ନ, ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଓ ବିକ୍ରିବଟା ଉପରେ ବୈଜ୍ଞାନିକ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ପାଠ୍ୟକ୍ରମକୁ ଡା. ଜିତାଂଶୁ ଶେଖର ମହାନ୍ତି, ଡା. ସାର୍ଥକ ପଟ୍ଟନାୟକ, ଡା. ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ଡା. ଅନିକେତ ମହାନ୍ତି, ଡା. ଚିନ୍ମୟ ଦାଶ, ଡା. ଚନ୍ଦ୍ରକାନ୍ତ ଜେନା, ଚାଷୀମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଓ ଫାର୍ମ ବୁଲାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ମୁଖ୍ୟ ବୈଜ୍ଞାନିକ ଡ. ଜୟନ୍ତ କୁମାର ପତି, ଡ. ସମରେନ୍ଦ୍ର ବରାଳ, ଡ. ସଂଜୟ ପ୍ରଧାନ ଓ ଶ୍ରୀ ସେମଦତ୍ତ ମହାନ୍ତି ତାଲିମ ଶିବରକୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ଏହିପରି ତାଲିମ ମାଧ୍ୟମରେ ପ୍ରାଣୀ ସମ୍ପଦ ଦ୍ୱାରା ଚାଷୀମାନଙ୍କୁ ଆତ୍ମନିର୍ଭର କରାଯିବାର ଯୋଜନା ଅଛି ବୋଲି ଡ ଜୟନ୍ତ କୁମାର ପତି ପ୍ରକାଶ କରିଛନ୍ତି। ଓୟୁଏଟି ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।